# ଟ୍ୟାଙ୍କର ଧକ୍କାରେ ଶନି ମନ୍ଦିର ଚୁରମାର



ବଲାଙ୍ଗିର,(ସବ୍ୟୁ): ଗୁରୁବାର ଭୋର୍ ୫ ଟା ସମୟରେ ସମ୍ବଲପୁର ପଟୁ ଆସୁଥିବା ଏକ ଭାରୀଯାନ ଟ୍ୟାଙ୍କର (ଓଆର୧୫ ଭି-୫୨୯୯୯)ଦୁର୍ଘଟଣାଗ୍ରସ୍ତ ହୋଇଛି । ସ୍ଥାନୀୟ ମହାଦେବ ମନ୍ଦିର ପାର୍ଶ୍ୱରେ ଥିବା ଶନି ମନ୍ଦିରକୁ ଏହି ଟ୍ୟାଙ୍କର ଧକ୍କା ଦେବାରୁ ଶନି ମନ୍ଦିର ସମ୍ପୂର୍ଣ୍ଣ ଭାଙ୍ଗିଯାଇଛି। ଟ୍ରକ୍‌ର ସମ୍ମୁଖ ଭାଗ ଭାଙ୍ଗିଯାଇଥିବା ବେଳେ ଏଥିରେ ଡ୍ରାଇଭର ଗୁରୁତର ହୋଇ ଭୀମଭୋଇ ଡାକ୍ତରଖାନାରେ ଭର୍ତିହୋଇଛନ୍ତି। ତେବେ ବେପରୁଆ ଗାଡି ଚାଳନା ଓ ଅସାବଧାନତା ଯୋଗୁଁ ବାହାର ଜିଲ୍ଲାରୁ ଆସୁଥିବା ଏହି ଭାରୀଯାନ ଗୁଡ଼ିକ ଦୁର୍ଘଟଣା ଗ୍ରସ୍ତ ହୋଇ କେତେବେଳେ ଧାର୍ମିକ ଅନୁଷ୍ଠାନ ତ କେତେବେଳେ ସରକାରୀ ସମ୍ପତ୍ତିକୁ ନଷ୍ଟ କରୁଛନ୍ତି। ସହର ଦେଇ ଭୋରରୁ ଅତିକ୍ରମ କରୁଥିବା ଏହି ଭାରୀଯାନ ଲୋକଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଛି। ଦୁର୍ଘଟଣା ପରେ ପୋଲିସ ଓ ଅଗ୍ନିଶମ ବିଭାଗର ଟିମ୍ ଘଟଣାସ୍ଥଳରେ ପହଞ୍ଚି ଡ୍ରାଇଭର ଏବଂ ଗାଡ଼ିକୁ ଉଦ୍ଧାର କରିଥିଲେ। ଡ୍ରାଇଭରର ଅବସ୍ଥା ଗୁରୁତର ହେବାରୁ ତାକୁ ବଲାଙ୍ଗିର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ପୋଲିସ ଗାଡିକୁ ଅଟକ ରଖି ତଦନ୍ତ ଜାରି ରଖିଛି। ବହୁ ପୂର୍ବରୁ ଏନ୍ ଏଚ ବିଭାଗକୁ ରାସ୍ତା ପାର୍ଶ୍ୱ ଶନି ମନ୍ଦିର ବିଷୟରେ ଅନେକ ବୁଦ୍ଧିଜୀବୀ ବିରୋଧ କରି ଜଣାଇଥିଲେ ମଧ୍ୟ ଶନି ମନ୍ଦିର ସ୍ଥାନାନ୍ତର କରିବାକୁ ପଛଘୁଞ୍ଚା ଦେଇଥିଲେ। ରାସ୍ତା କଡ଼ରେ ଦୀର୍ଘ ବର୍ଷ ଧରି ଗ୍ରହରାଜ୍ ଶନିଙ୍କ ମନ୍ଦିର ସ୍ଥାପନ କରି ଲୋକଙ୍କ ମାନସିକ ସହିତ ଖେଳ ଖେଳୁଥିବା ଏବଂ ଅଚାନକ ଆଜି ଭାରୀଯାନ ମନ୍ଦିର ଉପରକୁ ମାଡ଼ି ଚୁରମାର କରି ଦେଇଥିବା ଶ୍ରଦ୍ଧାଳୁ ଭକ୍ତଙ୍କ ମାନସିକତାକୁ ଠେସ ପହଞ୍ଚାଇଛି। ରାସ୍ତା ପ୍ରଶସ୍ତିକରଣ ସମୟରେ ଅନେକ ଛୋଟ ବଡ଼ ଦୋକାନ ଗୁଡ଼ିକୁ ଭାଙ୍ଗି ଦେଇଥିବା ବେଳେ ରାସ୍ତା ପାର୍ଶ୍ୱ ମନ୍ଦିରକୁ ଭୟରେ ଛାଡି ଦେଇଥିଲେ। ରାସ୍ତା ପ୍ରଶସ୍ତି କରଣ ଏବଂ ଜବର ଦଖଲ ଉଚ୍ଛେଦ ସମୟରେ ରାଜ୍ୟ ରାଜଧାନୀରେ ଥିବା ଅନେକ ମନ୍ଦିର ଭାଙ୍ଗି ଦେଇଥିବା ବେଳେ ଏନ୍ ଏଚ୍ ବିଭାଗର କୋହଳ ମନୋଭାବ ଆଜି ଏକ ବିରାଟ ଦୁର୍ଘଟଣାର ସମ୍ମୁଖୀନ ହେବାକୁ ପଡିଛି। ରାସ୍ତା ପାର୍ଶ୍ୱରେ ଥିବା ଏହି ପବିତ୍ର ପୀଠ ତଥା ଲୋକଙ୍କ ଧାର୍ମିକ ବିଶ୍ୱାସର ପ୍ରତୀକ ଶନି ମନ୍ଦିରକୁ ଧକ୍କା ଦେଇ ନଷ୍ଟଭ୍ରଷ୍ଟ କରି ଦେଇଛି। ସହରର ଅଗଣିତ ଭକ୍ତ ଓ ଶ୍ରଦ୍ଧାଳୁ ଦୋଷୀ ଗାଡି ଡ୍ରାଇଭର୍ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରିଛନ୍ତି ।

# ନୃତ୍ୟ ଗୀତର ତାଳେ ତାଳେ ଦୁଲୁକିଲା ଚୂଡ଼ାଖାଇ ଡଙ୍ଗର ମହୋତ୍ସବ



ତରଭା,(ସବ୍ୟୁ): ଆବହମାନ କାଳରୁ ଚୁଡାଖାଇ ଡଙ୍ଗରରେ ପ୍ରତିବର୍ଷ ଆଶ୍ୱିନ ମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀ ତିଥିରେ ଚୁଡାଖାଇ ଡଙ୍ଗର ମହୋତ୍ସବ ପାଳିତ ହୋଇଆସୁଛି। ଆଦିବାସୀ ପରମ୍ପରା ସଂସ୍କୃତି ଉପରେ ଆଧାରିତ ପ୍ରତ୍ୟକ୍ଷ ଦେବତା ପୁଡାପାଟ, ଶିକେରପାଟ, ସ୍ୱର୍ଗାସିନି ଓ ଦେବୀ ବାହୁତିଙ୍କ ପୂଜା ଏଠାରେ ହୋଇଥାଏ। ଏହି ଦିନ ସୁବର୍ଣ୍ଣପୁର ଜିଲ୍ଲା ସମେତ ବୌଦ୍ଧ, ଫୁଲବାଣୀ, ବଲାଙ୍ଗିର, କଳାହାଣ୍ଡି ଜିଲ୍ଲାରୁ ହଜାର ହଜାର ସଂଖ୍ୟାରେ ଭକ୍ତ ଏଠାକୁ ଆସିଥାନ୍ତି। ମାନସିକ କରିଥିବା ଭକ୍ତ ମାନେ ପାହାଡ଼ ଉପରେ ଥିବା ଦେବୀଙ୍କ ଆସ୍ଥାନରେ ବଳି ଦେଉଥିବା ବେଳେ ସାଧାରଣ ଲୋକେ ପରିବାର ସହ ଆସି ପାହାଡ଼ ଚଢିବା ସହ ବଣଭୋଜିର ମଜା ଉଠାଇଥାନ୍ତି। ଚୁଡାଖାଇ ପାହାଡ଼ ଓ ଏହାର ସଂସ୍କୃତିକୁ ଓଡିଶା ସରକାର ପର୍ଯ୍ୟଟନର ମାନ୍ୟତା ଦେବାପରେ ୨୦୧୯ରେ ଆରମ୍ଭ ହୋଇଥିଲା ଚୁଡାଖାଇ ଡ଼ଙ୍ଗରମହୋତ୍ସବ । ଚଳିତ ବର୍ଷ ୧୪ ରୁ ୧୬ ତାରିଖ ତିନିଦିନ ଧରି ଏହି ମହୋତ୍ସବ ପାଳିତ ହୋଇଥିଲା । ଏହା ପୂର୍ବରୁ ଏକ କଳସ ଯାତ୍ରା ଆରମ୍ଭ ହୋଇଥିଲା । ଏଥିରେ ଶହ ଶହ ସଂଖ୍ୟାରେ ମହିଳା ଓ ପୁରୁଷ ଭାଗ ନେଇଥିଲେ। ଚୁଡାଖାଇ ଡଙ୍ଗର ଉନ୍ନୟନ କମିଟିର ସଭାପତି ଦଶରଥ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରଥମ ସନ୍ଧ୍ୟା ସଭାରେ ମୁଖ୍ୟ ଅତିଥି ଭାବେ ଉପ ଜିଲ୍ଲାପାଳ ଡ଼. ସୋମ୍ୟ ରୂପା ରଥ, ସମ୍ମାନିତ ଅତିଥି ବିଡ଼ିଓ ଅନିଲ କୁଲୁ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ସସ୍ମିତା ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ସେହିପରି ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା, ସରଗଜ ସରପଞ୍ଚ ନର୍ମଦା ମିଶ୍ର , କନ୍ଧ ସମାଜ ସମ୍ପାଦକ କପୁରଚନ୍ଦ ଭୋଇ, ସରପଞ୍ଚ ଉମା ସାହୁ , କୁଶଳେଶ୍ୱର ପାଣ୍ଡେ ସମେତ ଅନ୍ୟ ମାନ୍ୟଗଣ ବ୍ୟକ୍ତି ବିଶେଷ ମଞ୍ଚାସୀନ ଥିଲେ। ତୃତୀୟ ସନ୍ଧ୍ୟାରେ ମୁଖ୍ୟ ଅତିଥିଭାବେ ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ, ବ୍ଲକ ଅଧ୍ୟକ୍ଷ ସରୋଜ କମ୍ପ, ଏନ୍ ଏ ସି ଅଧ୍ୟକ୍ଷା ବନ୍ଦିତା ନାଏକ, ଉପନଗରପାଳ ଗଗନ ଅଗ୍ରୱାଲ ପ୍ରମୁଖ ଉପସ୍ଥିତ ଥିଲେ।ଉପରୋକ୍ତ ତିନିଦିନ ଧରି ମନୋରଞ୍ଜନ ସକାଶେ ଅନୁଷ୍ଠିତ ରଙ୍ଗାରଙ୍ଗ କାର୍ଯ୍ୟମରେ ବଲାଙ୍ଗିର ଜିଲ୍ଲା ପୁଇଁତଲା ବ୍ଲକ ଅଧିନସ୍ଥ ଫଟକରା(କ)ଗ୍ରାମର ଯୁବ କଳାକାର ଅନିଲ କୁମାର ନାଏକ ଓ ସାଥିଙ୍କ କଂସ ଦରବାର , ଲୋଇସିଂହାର ଶଙ୍କର ବେହେରା ଓ ସାଥି, ତୁଷୁରାର ସାନବଡ଼ ଘୁଡକା ନାଚ, ଚଳଚ୍ଚିତ୍ର ଅଭିନେତ୍ରୀ ସୁପ୍ରିୟା, ହାସ୍ୟ ଅଭିନେତା ଟିଙ୍କୁ ଟିଙ୍ଗାଲି ମିଳି ଏବଂ ରୋଶନ ମୁନିଆ ପ୍ରମୁଖଙ୍କ ସମେତ ସ୍ଥାନୀୟ କଳାକାର ମାନେ ବିଶେଷ ଭାବରେ ନିଜ ନିଜର କଳା ପ୍ରଦର୍ଶନ କରି ନାଚ ଗୀତରେ ଦର୍ଶକଙ୍କ ମନ ଜିଣିଥିଲେ । ତିନିଦିନ ଧରି ଦର୍ଶକଙ୍କୁ ସଂସ୍କୃତିକ କାର୍ଯ୍ୟକ୍ରମ ମାଧମରେ କଳାକାର ମାନେ ଦର୍ଶକଙ୍କୁ ବାନ୍ଧି ରଖିଥିଲେ । କାର୍ଯ୍ୟକ୍ରମକୁ ଉଦଘୋଷକ ମାନଭଞ୍ଜନ ମିଶ୍ର ପରିଚାଳନା କରିଥିଲେ ।

## ଝାରସୁଗୁଡା-ବନ୍ଧମୁଣ୍ଡା ରେଳଲାଇନ୍ ଜବରଦଖଲ ଉଚ୍ଛେଦ

# ଅଧିକାରୀ-ବସ୍ତିବାସିନ୍ଦା ମୁହାଁମୁହିଁ

ସୁନ୍ଦରଗଡ଼,(ସବ୍ୟୁ): ଝାରସୁଗୁଡା-ବନ୍ଧମୁଣ୍ଡା ତୃତୀୟ ରେଳଲାଇନ୍ ପାଇଁ ଏସଟିଆଇ ଓଭରବ୍ରିଜ୍ ନିକଟରେ ବସ୍ତି ଉଚ୍ଛେଦକୁ ନେଇ ରେଳବାଇ ଅଧିକାରୀ ଓ ବସ୍ତିବାସିନ୍ଦା ମୁହାଁମୁହିଁ । ପୁଲିସ ଓ ରେଳବାଇ ଅଧିକାରୀଙ୍କ ଉପସ୍ଥିତିରେ ଉଚ୍ଛେଦ ଚାଲିଥିଲା। ହଠାତ୍ ବସ୍ତିର କିଛି ଲୋକ ପହଞ୍ଚି ଉଚ୍ଛେଦକୁ ବନ୍ଦ କରିଥିଲେ। ଜେସିବିକୁ ଆଗକୁ ବିବାକୁ ଦେଇ ନଥିଲେ। ଯାହାକୁ କେନ୍ଦ୍ରକରି ରେଳବାଇ ଅଧିକାରୀ ଓ ବସ୍ତିବାସିନ୍ଦାଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ଖବରପାଇ ରାଉରକେଲା ବିଧାୟକ ସାରଦା ନାୟକ ଓ ତାଙ୍କର କିଛି ସମର୍ଥକ ପହଞ୍ଚି ରେଳବାଇ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ଯେ ପର୍ଯ୍ୟନ୍ତ ବସ୍ତିବାସିନ୍ଦାଙ୍କୁ ଥଇଥାନ କରାନଯାଇଛି, ସେ ପର୍ଯ୍ୟନ୍ତ ବସ୍ତି ଉଚ୍ଛେଦ ହୋଇପାରିବ ନାହିଁ ବୋଲି ଅଧିକାରୀଙ୍କୁ କହିଥିଲେ। ଶେଷରେ ରେଳବାଇ ଅଧିକାରୀ ଉଚ୍ଛେଦ କାମକୁ ବନ୍ଦ କରି ଘଟଣାସ୍ଥଳରୁ ଚାଲିଯାଇଥିଲେ।

ସୂଚନାଯୋଗ୍ୟ, ଝାରସୁଗୁଡ଼ା-ବନ୍ଧମୁଣ୍ଡା ନିର୍ମାଣଧୀନ ତୃତୀୟ ରେଳଲାଇନ୍ ରାଉରକେଲାରେ ଅଟକିଛି। ଚିହ୍ନଟ ବସ୍ତିଗୁଡ଼ିକ ଉଚ୍ଛେଦ ହୋଇପାରୁ ନ ଥିବାରୁ ତୃତୀୟ ଲାଇନ୍ କାମ ଆଗେଇ ପାରୁନି। ଚିହ୍ନଟ ହୋଇଥିବା ବସ୍ତିର ଘରଗୁଡ଼ିକୁ ଖାଲି କରିବାକୁ ରେଳବାଇ ପକ୍ଷରୁ ଏକାଧିକବାର ନୋଟିସ୍ ଦିଆଯାଇଛି।

କେବଳ ମାଲଗୋଦାମର ଗୋଟିଏ ବସ୍ତିକୁ ବାଦ୍ ଦେଲେ, ଆଜି ପର୍ଯ୍ୟନ୍ତ ଅନ୍ୟବସ୍ତି ଗୁଡ଼ିକ ଖାଲି ହୋଇପାରିନି। ହାଓଡ଼ା-ମୁମ୍ବାଇ ମୁଖ୍ୟ ରେଳଲାଇନରୁ ଉଭୟ ପାର୍ଶ୍ୱରେ ୮୦ ଫୁଟ୍ ପର୍ଯ୍ୟନ୍ତ ଖାଲି କରିବାକୁ ଚିହ୍ନଟ କରାଯାଇଛି। ବିଗତ ଦିନରେ ଏହା ୬୫ ଫୁଟର ହ୍ରାସ କରାଯାଇଥିଲା। ସେମିତି ବସ୍ତି ଉଚ୍ଛେଦ ପ୍ରତିବାଦରେ କିଛି ବସ୍ତିବାସିନ୍ଦା ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଶେଷରେ ନ୍ୟାୟାଳୟ ରେଳବାଇ ସପକ୍ଷରେ ରାୟ ଦେଇଥିଲେ।

# ଜଙ୍ଗଲରୁ ଯୁବକଙ୍କ ମୃତଦେହ ଉଦ୍ଧାର, ହତ୍ୟା ଅଭିଯୋଗ



ବେଲପଡ଼ା,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ବେଲପଡା ବ୍ଲକ ଭାଲୁଖାଇ ଓ ଥୁଣ୍ଡିବାହାଲ ମଝି ଜଙ୍ଗଲରେ ଗୁରୁବାର ସକାଳେ ଏକ ମୃତ ଦେହ ଉଦ୍ଧାର ହୋଇଥିଲା । ସୂଚନା ଅନୁସାରେ ବଲାଙ୍ଗିର ଜିଲ୍ଲା ବେଲପଡା ବ୍ଲକ ସଲଣ୍ଡି ଗାଁର ଜ୍ଞାନ ପ୍ରକାଶ ବେହେରା ଗତ ୧୪.୧୦.୨୪ରେ ଘରୁ ନିଜ ବାଇକ୍ ଯୋଗେ ବାହାରି ଆଉ ଫେରି ନଥିଲେ। ପରିବାର ଲୋକେ ଖୋଜାଖୋଜି କରି ନପାଇବାରୁ ବେଲପଡ଼ା ଥାନାରେ ନିଖୋଜ ରିପୋର୍ଟ ଦେଇଥିଲେ। ଗୁରୁବାର ସକାଳେ ଛେଳି ଚରାଳି ମାନେ ଏକ ମୃତଦେହ ପଡ଼ିଥିବା ଦେଖିବାକୁ ପାଇଥିବା ବେଳେ ଏ ବିଷୟରେ ବେଲପଡ଼ା ଥାନାକୁ ଖବର ଦେଇଥିଲେ । ଖବର ପାଇ ଉକ୍ତ ସ୍ଥାନକୁ ବେଲପଡ଼ା ପୋଲିସ ପହଞ୍ଚି ଖୋଳତାଡ଼ କରିବାରୁ ସଲଣ୍ଡି ଗାଁର ଜ୍ଞାନ ପ୍ରକାଶ ବେହେରାଙ୍କ ମୃତଦେହ ବୋଲି ଜାଣିବାକୁ ପାଇ ପରିବାର ବର୍ଗଙ୍କୁ ଖବର ଦେଇଥିଲେ । ପରିବାର ଲୋକେ ଏହା ଏକ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଥିବା ବେଳେ ସାଇଣ୍ଟିଫିକ ଟିମ୍ ଡକାଇ ବେଲପଡା ଥାନା ଅଧିକାରୀ ଅନନ୍ତ ପ୍ରଧାନ ତଦନ୍ତ ଆରମ୍ଭ କରିଥିଲେ । ଫରେନ୍ସି ରିପୋର୍ଟ ଆସିବା ପରେ ହତ୍ୟା ନାଁ ଆତ୍ମହତ୍ୟା ବୋଲି ସଠିକ ଖବର ଦିଆଯିବ ବୋଲି ସେ ସୂଚନା ଦେଇଛନ୍ତି। ଉକ୍ତ ଶବକୁ ଉଦ୍ଧାର କରି ବେଲପଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିବା ବେଳେ ସେଠାରେ ଶବ ବ୍ୟବଚ୍ଛେଦ କରି ପରିବାର ବର୍ଗଙ୍କୁ ହସ୍ତାନ୍ତର କରାଯିବ ।

# ଧୂଲୁଣ୍ଡାରେ ବଏଲ ଯାତ୍ରା ସମ୍ପନ୍ନ

ଝାରସୁଗୁଡା,(ସବ୍ୟୁ): ୧୯ ଖଣ୍ଡ ମୌଜା ଅନ୍ତର୍ଗତ ଧୂଲଣ୍ଡା ଗ୍ରାମରେ ଆବହମାନ କାଳରୁ ବଏଲ ଯାତ୍ରା ଅଞ୍ଚଳର ସଂସ୍କୃତି ଓ ପରମ୍ପରା ତଥା ପ୍ରକୃତି ପୂଜନର ଏକ ଅନନ୍ୟ ଉଦାହରଣ ହୋଇଛି । ଏହି ଅବସରରେ ଗ୍ରାମଦେବୀ କଦେଲପାଟ ସାଇପାଟ' ମା'ଙ୍କ ଏ ଉତ୍ସବ ପାଳନରେ ରାମକଥା ସତସଙ୍ଗ କାର୍ଯ୍ୟକ୍ରମ ସାତ ଦିନ ଧରି ଚାଲିଛି। ଏ ଅବସରରେ ରାମ ସୀତାଙ୍କ ବିବାହ ଉତ୍ସବକୁ ହର୍ଷଉଲ୍ଲାସରେ ପାଳନ ପୂର୍ବକ ରାମଙ୍କ ଦରବାରରେ ମୁଖ୍ୟ ଆକର୍ଷଣ ଭାବରେ କବି ପଦ୍ମଶ୍ରୀ ହଳଧର ନାଗ ଉପସ୍ଥିତ ରହି କାବ୍ୟରସ ବାଣ୍ଟିଥିଲେ। ଧୂଲଣ୍ଡା ଗ୍ରମବାସୀଙ୍କ ଉପସ୍ଥିତି କ୍ରମେ ଓ ଭକ୍ତଙ୍କ ସମାଗମରେ ଏ କାବ୍ୟ ଧରା ଖୁବ ଆମୋଦ ହୋଇପାରିଥିଲା। ରାମ ସୀତାଙ୍କ ବିବାହ ଉତ୍ସବରେ ବିଶିଷ୍ଟ କବି ଶ୍ରୀକର ଭୋଇ, ହେମନ୍ତ ପଟେଲ, ଡ଼.ଦିଲ୍ଲୀପ ନାୟକ, ସୁରେଶ ପଧାନ ଇତ୍ୟାଦି ଥିବାବେଳେ ଧୂଲୁଣ୍ଡାର କବି ମୁକ୍ତେଶ୍ୱର ପଧାନ, ମହେଶ୍ୱର ପଧାନ, ବେଣୁଧର ଦେହେରୀ ଉପସ୍ଥିତ ଥିଲେ । ଅନ୍ୟତମ ଅତିଥି ଭାବରେ କନକତୋରା ସରପଞ୍ଚ ସୁଶାନ୍ତ ଚୟିନି, ଚାରପାଲି ସରପଞ୍ଚ ଅରୁଣା ସୁନା ତଥା ସମିତ ସଭ୍ୟ ବୈଦେହି ସେଠ ଯୋଗଦେଇ ଲୋକଙ୍କୁ ଶୁଭେଚ୍ଛା ଜ୍ଞାପନ କରିଥଲେ। ଭି. ଏସ. ଏସ କମିଟିର ସଭାପତି ନବୀନ ବିଶ୍ୱାଳ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ ।

# ଗଛକଟାକୁ ତବଡାବାହାଲ ବନ ସୁରକ୍ଷା ସମିତିର ବିରୋଧ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲା ରେଙ୍ଗାଲି ବନାଞ୍ଚଳ ଅନ୍ତର୍ଗତ ତବଡାବାହାଲ ଅଞ୍ଚଳରେ ବ୍ୟାପକ ଭାବେ ଗଛକଟା ହୋଇଛି । ଏହାକୁ ବିରୋଧ କରି ସ୍ଥାନୀୟ ବନ ସୁରକ୍ଷା ସମିତି ବନଖଣ୍ଡ ଅଧିକାରୀଙ୍କୁ ଭେଟି ଅଭିଯୋଗ କରିଛନ୍ତି । ଏଥିସହ ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି । ସୂଚନାଯୋଗ୍ୟ, ତବଡାବାହାଲ ଗ୍ରାମ ସୀମାରେ ବାଲାଜୀ ପଥର ଖଣିର ମାଲିକ ସୁଶୀଲ କୁମାର ଅଗ୍ରୱାଲ ପ୍ରାୟ ୫ଏକର ଜମିରେ ଥିବା ଛୋଟବଡ ଗଛ କାଟି ବିକ୍ରି କରିଥିବା ସମିତି ଅଭିଯୋଗ କରିଛି । ପ୍ରତିବାଦ କରିବାରୁ ସେ ଅନୁମତି ପାଇଥିବା କହିଛନ୍ତି । ତେବେ ଏତେ ସଂଖ୍ୟକ ଗଛ କାଟିବା ପାଇଁ କିଏ ଓ କାହିଁକି ଅନୁମତି ଦେଇଛି ତାହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି । ଏଭଳିସ୍ଥଳେ ପଦକ୍ଷେପ ଗ୍ରହଣ କରିବାକୁ କୈଳାଶ ମାଝୀ, ଦେବନ୍ତ ସିଂ, ଜିତେନ୍ଦ୍ର ନାଏକ, ବିଶ୍ୱ ମିର୍ଦ୍ଧା, ପିତାମ୍ବର ଧୁରୁଆ, ରୂପେଶ ଭୋଇ ପ୍ରମୁଖ ଦାବି କରିଛନ୍ତି ।

## ଅସ୍ୱାସ୍ଥ୍ୟକର ପରିବେଶରେ ଆଇସକ୍ରିମ୍ ପ୍ରସ୍ତୁତି

# ଫୁଡ୍ ସେଫ୍ଟି ବିଭାଗର ଚଢ଼ାଉ



ରାଉରକେଲା,(ସବ୍ୟୁ): ରାଉରକେଲା ମହାନଗର ନିଗମ ଓ ଫୁଡ୍ ସେଫ୍ଟି ବିଭାଗ ମିଳିତ ଭାବେ ଫ୍ୟାକ୍ଟ୍ରିରେ ଚଢ଼ଉ କରିଥିଲା। ଚଢ଼ଉ ବେଳେ ଫ୍ୟାକ୍ଟ୍ରିର ଅବସ୍ଥା ଅତି ଦୟନୀୟ ହୋଇଥିବା ଦେଖିବାକୁ ମିଳିଥିଲା। ଅତି ଅସ୍ୱାସ୍ଥ୍ୟକର ପରିବେଶରେ ଆଇସକ୍ରିମ୍ ତିଆରି ହେଉଥିବା ଦେଖିବାକୁ ମିଳିଥିଲା।

ଅଭିଯୋଗରୁ ପ୍ରକାଶ, ରାଉରକେଲା ଟାଉନରେ ରହିଛି ରେନବୋ ଆଇସକ୍ରିମ୍ ଫ୍ୟାକ୍ଟ୍ରୀ । ଏଠାରେ ବିଭିନ୍ନ ଫ୍ଲେବରର ଆଇସକ୍ରିମ୍ ତିଆରି ହୋଇଥାଏ । ଖରାପ ପାଣିରେ ଆଇସକ୍ରିମ୍ ତିଆରି ହେଉଛି। ସେଠାକାର ପରିବେଶ ଅତି ଦୟନୀୟ। ଏଥିସହ ଆଇସକ୍ରୀମ ପ୍ରସ୍ତୁତି ଓ ସମୟ ଅତିକ୍ରାନ୍ତ ତାରିଖ ଓ ବ୍ୟାଚ୍ ନମ୍ବର ମଧ୍ୟ ରହୁନଥିଲା। ଏନେଇ ଅଭିଯୋଗ ହେବା ପରେ ପ୍ରାୟ ଦେଢ଼ ବର୍ଷ ତଳେ ମହାନଗର ନିଗମ ଓ ଫୁଡ୍ ସେଫ୍ଟି ବିଭାଗ ମିଳିତ ଚଢ଼ଉ କରି ତାଗିଦ୍ କରିଥିଲେ। ଏଥିସହ ଆଇସକ୍ରିମ ପ୍ରସ୍ତୁତି, ସମୟ ଅତିକ୍ରାନ୍ତ ତାରିଖ ଓ ଲାଇସେନ୍ସ କରିବା ପାଇଁ କୁହାଯାଇଥିଲା। ହେଲେ ଫ୍ୟାକ୍ଟ୍ରି କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ଦେଉନଥିଲେ।

ଗୁରୁବାର ମଧ୍ୟାହ୍ନରେ ମହାନଗର ନିଗମ ଓ ଫୁଡ୍ ସେଫ୍ଟି ବିଭାଗ ମିଳିତ ଭାବେ ଫ୍ୟାକ୍ଟ୍ରିରେ ଚଢ଼ଉ କରିଥିଲା। ଚଢ଼ଉ ବେଳେ ଫ୍ୟାକ୍ଟ୍ରିର ଅବସ୍ଥା ଅତି ଦୟନୀୟ ହୋଇଥିବା ଦେଖିବାକୁ ମିଳିଥିଲା। ଫଳରେ ଉକ୍ତ ଆଇସ୍କ୍ରିମ୍ ଫ୍ୟାକ୍ଟ୍ରୀକୁ ସିଲ୍ କରିଛି ମହାନଗର ନିଗମ । ଆର୍ଏମସି ଫୁଡ୍ ଅଫିସର ସ୍ୱାଗତିକା ବେହେରା କହିଛନ୍ତି, ଏଠାରେ ତିଆରି ହେଉଥିବା ଆଇସକ୍ରୀମ ପ୍ରସ୍ତୁତି, ଏକ୍ସପାଏରୀ ତାରିଖ ଓ ବ୍ୟାଚ ନମ୍ବର ରହୁନଥିଲା। ଯେଉଁ ଲାଇସେନ୍ସ ନମ୍ବର ରହିଛି, ତାହା ସମ୍ପୂର୍ଣ୍ଣ ଫେକ୍। ତେଣୁ ନିୟମ ଅନୁସାରେ ସେହି ଆଇସକ୍ରିମ୍ ଫ୍ୟାକ୍ଟ୍ରୀକୁ ସିଲ୍ କରାଯାଇଛି ବୋଲି ଫୁଡ୍ ଅଫିସର କହିଛନ୍ତି।

# ୩ ଓଏଏସ ଅଫିସରଙ୍କ ବଦଳି

କୋରାପୁଟ,(ସବ୍ୟୁ): କୋରାପୁଟ ଜିଲ୍ଲାର ୩ ଜଣ ଓଏଏସ ଅଫିସରଙ୍କ ବଦଳି ହୋଇଥିବା ରାଜ୍ୟ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ପ୍ରକାଶିତ ବିଜ୍ଞପ୍ତିରୁ ଜଣାପଡ଼ିଛି। ଜୟପୁର ପୌର ପରିଷଦ ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକଙ୍କୁ ସ୍କୁଲ ଓ ଗଣଶିକ୍ଷା ବିଭାଗର ଅଣ୍ଡର ସେକ୍ରେଟାରୀ ଭାବେ ବଦଳି ହୋଇଥିବା ବେଳେ କୋରାପୁଟ ଉପ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଡେପୁଟି କଲେକ୍ଟର ଦେବବ୍ରତ ମହାରଣାଙ୍କୁ ନାରାୟଣପାଟଣା ତହସିଲଦାର ଏବଂ ବୋରିଗୁମ୍ମାର ଅତିରିକ୍ତ ତହସିଲଦାର ସୁକାନ୍ତ ପ୍ରଧାନଙ୍କୁ ଗଜପତି ଜିଲ୍ଲାର ରାୟଗଡ ତହସିଲଦାର ଭାବେ ବଦଳି କରାଯାଇଥିବା ଜଣାପଡ଼ିଛି।

# ମଦ କାରବାରରେ ଦୁଇ ଗିରଫ

କଣ୍ଟାମାଳ,(ସବ୍ୟୁ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ଅବକାରୀ ବିଭାଗ ପକ୍ଷରୁ ପୃଥକ ସ୍ଥାନରେ ଚଢାଉ କରାଯାଇ ବିପୁଳ ପରିମାଣର ମଦ ଜବତ କରିବା ସହ ୨ ଜଣକୁ ଗିରଫ କରାଯାଇଛି । ସୂଚନା ଅନୁସାରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଅବକାରୀ ଅଧିକାରୀ ସୂର୍ଯ୍ୟକାନ୍ତ ମଲିକଙ୍କ ନେତୃତ୍ୱରେ ଏକ ଟିମ୍ କଣ୍ଟାମାଳ ଥାନା ଅନ୍ତର୍ଗତ ଖଲିଆ ପାଲି ଗ୍ରାମ୍ୟ ରାସ୍ତାରେ ଚଢ଼ାଉ କରି ୨୪.୪ ଲିଟର ମଦ ଜବତ କରିଥିବା ବେଳେ ଘଟଣାରେ ଖଲିଆ ପାଲି ଗ୍ରାମର ନିରୋଦ ବଗର୍ତ୍ତି (୨୪) କୁ ଗିରଫ କରିଛି । ସେହିପରି ଅବକାରୀ ବିଭାଗର ଏକ ଟିମ୍ ଘଣ୍ଟାପଡ଼ା ଥାନା ଅନ୍ତର୍ଗତ ଖେମୁଣ୍ଡି ଗଡ ଗ୍ରାମ୍ୟ ରାସ୍ତା ନିକଟରେ ଚଢାଉ କରି ୧୮.୨ ଲିଟର ବିଅର ଜବତ କରିଥିବା ବେଳେ ଘଟଣାରେ ଖେମୁଣ୍ଡି ଗଡ ଗ୍ରାମର କୃଷ୍ଣ ବକୁଳ (୫୮)କୁ ଗିରଫ କରାଯାଇଛି । ଏ ସଂକ୍ରାନ୍ତରେ କଣ୍ଟାମାଳ ଅବକାରୀ କାର୍ଯ୍ୟାଳୟରେ ୬୯,୭୦/୨୪-୨୫ରେ ଦୁଇଟି ପୃଥକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ନୀରୋଦ ଓ କୃଷ୍ଣକୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଅବକାରୀ ଅଧିକାରୀ ସୂର୍ଯ୍ୟକାନ୍ତ ମଲିକ ସୂଚନା ଦେଇଛନ୍ତି ।

# ସମାନ ଗାଡି ନମ୍ବରରେ ୨ଟି କାର, ଜଣେ ଗିରଫ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁରରେ ସହରରେ ସମାନ ରେଜିଷ୍ଟ୍ରେସନ ଥିବା ୨ଟି କାର ବୁଲୁଥିବା ବେଳେ ଗୋଟିଏ କାରକୁ ଜବତ କରାଯାଇଛି । ଏଥିସହ ସଂପୃକ୍ତ ଗାଡି ମାଲିକ ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ ଥାନା ଅନ୍ତର୍ଗତ ନାମଝର ଗ୍ରାମର ସନ୍ୟାସୀ ପ୍ରଧାନ(୩୧)ଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି । ସୂଚନାଯୋଗ୍ୟ, ସମ୍ବଲପୁର ଜିଲ୍ଲା ଗୋବିନ୍ଦପୁର ଥାନା ଅନ୍ତର୍ଗତ କୁଟାରିମାଳ ଗ୍ରାମର ରୁପାନନ୍ଦ ଭଇଁଷାଙ୍କ ଏକ ଧଳା ରଙ୍ଗର କାର ରହିଛି । ଯାହାର ରେଜିଷ୍ଟ୍ରେସନ ନମ୍ବର( ଓଡି୧୫କ୍ୟୁ- ୨୭୨୩) ଅଟେ । ତେବେ କିଛି ଦିନ ହେବ କେହି ଜଣେ ତାଙ୍କର ଏହି ଗାଡି ନମ୍ବର ବ୍ୟବହାର କରି ଅନ୍ୟ ଏକ କାର ଚଳାଉଥିବା ସେ ଜାଣିବାକୁ ପାଇଥିଲେ । ଏନେଇ ଗୋବିନ୍ଦପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗକୁ ଭିତ୍ତି କରି ପୋଲିସ ୧୭୭/୨୪ରେ ଏକ ମାମଲା ରୁଜୁ କରିବା ସହ ତଦନ୍ତ କରିଥିଲା । ତଦନ୍ତ ବେଳେ ମୁଦିପଡା ମାନିକମୁଣ୍ଡା ଅଞ୍ଚଳରୁ ସନ୍ୟାସୀଙ୍କୁ ଗିରଫ କରିଛି । ଏଥିସହ ସେ ବ୍ୟବହାର କରୁଥିବା କାରକୁ ଜବତ କରିଛି ।

# ସ୍କୁଟି ସହ ଦେଶୀ ମଦ ଜବତ, ୨ ଗିରଫ

ସମ୍ବଲପୁର,(ସବ୍ୟୁ): ବେଆଇନ ଭାବେ ମଦ ଚୋରାଚାଲାଣ ବେଳେ ସମ୍ବଲପୁର ଅବକାରୀ ପୋଲିସ ସ୍କୁଟି ସହ ୩୦ଲିଟର ଦେଶୀମଦ ଜବତ କରିଛି । ଏନେଇ ଏକ ମାମଲା ରୁଜୁ କରିବା ସହ ୨ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ଧନୁପାଲି ଥାନା ଅନ୍ତର୍ଗତ ଚାରଭାଟିର ଚିନୁ ଓରାମ(୩୦) ଓ ବସନ୍ତ ଓରାମ(୪୦) ବୋଲି ଜଣାପଡିଛି । ସୂଚନାଯୋଗ୍ୟ, ସ୍କୁଟି ଗାଡି ନମ୍ବର( ଓଡି୧୫ଜେ-୫୨୪୦) ଯୋଗେ ମଦ ଚାଲାଣ ଦେଉଥିବା ଖବର ପାଇ ଅବକାରୀ ପୋଲିସ ସରଲାକାନୀ ଛକରେ ଯାଞ୍ଚ କରିଥିଲା । ଯାଞ୍ଚବେଳେ ଉପରୋକ୍ତ ଦେଶୀ ମଦ ଜବତ ହୋଇଛି ।

# ନିୟମିତ ହେଲେ ୩୫ ପ୍ରାଥମିକ ଶିକ୍ଷକ

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଜିଲ୍ଲାର ୩୫ଜଣ ପ୍ରାଥମିକ ସ୍କୁଲ ଶିକ୍ଷକଙ୍କୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିୟମିତ କରାଯାଇଛି । ବିଭାଗ ଚିଠି ସଂଖ୍ୟା ୨୦୮୮୭କୁ ଆଧାର କରି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ଏହି ପଦକ୍ଷେପ ନିଆଯାଇଛି । ଏହା ଜଣାପଡିବା ପରେ ଓଡିଶା କନିଷ୍ଠ ଶିକ୍ଷକ ଆସୋସିଏସନ୍ ଜିଲ୍ଲା ସଭାପତି ସୁଶାନ୍ତ କୁମାର ସାହୁ, ଜିଲ୍ଲା ସମ୍ପାଦକ ପ୍ରୀତମ କୁମାର ନାୟକ ପ୍ରମୁଖ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର , ଜିଲ୍ଲା ଶିକ୍ଷା ଅଧିକାରୀ ମୀନାରାଣୀ ମଣ୍ଡଳଙ୍କୁ କୃତଜ୍ଞତା ଜଣାଇଛନ୍ତି ।

# ସର୍ଗୁଲରେ ଦୁର୍ଗାପୂଜା ଓ ରାବଣପୋଡି ଉଦ୍‌ଯାପିତ



ଡୁଙ୍ଗୁରିପାଲି,(ସବ୍ୟୁ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ସର୍ଗୁଲ ଗ୍ରାମରେ ପବିତ୍ର ଦୁର୍ଗାପୂଜା ଓ ବଜାର ପରିସରରେ ରାବଣଙ୍କ ରାଜଦରବାର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଯାଇଛି। ୧୨ ତାରିଖରୁ ଶ୍ରୀରାମଙ୍କ ଶୋଭାଯାତ୍ରା ଆରମ୍ଭ ହୋଇ ପରେ ରାବଣ ଦରବାର ଉଦ୍ଘାଟନ ଓ ନଗର ପରିଭ୍ରମଣ କରିଥିଲେ। ଏହି ଅବସରରେ ସିଙ୍ଗନପାଲିର ସାଂସ୍କୃତିକ କାର୍ଯ୍ୟକ୍ରମ ଓ କିରନ ଦାସଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ ହୋଇଥିଲା । ୧୩ ତାରିଖରେ ଦଶାନନଙ୍କ ଶାସନ ଓ ରାଜ ଦରବାରରେ ବରଗଡ଼ ଜିଲ୍ଲା ଢ଼ଲିଆ ଖୋସା କଳା ପରିଷଦର କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା । ଉଦ୍‌ଯାପନୀ ସମାରୋହରେ ରାଜ ଅତିଥି ଭାବେ ସାମ୍ବାଦିକ ପବିତ୍ର ମୋହନ ପାଣ୍ଡିଆ ,ବନମାଳୀ ପୋଢ଼, ମହାଦେବ ଗଡତ୍ୟା, ଶ୍ରୀରାମ କମିଟୀର ଉପଦେଷ୍ଟା ଚୁଡ଼ାମଣୀ ସାହୁ, ସଭାପତି ଜୈମିନୀ ସାହୁ, ବିଶିଷ୍ଟ କଳାକାର ତଥା ରେଢ଼ାଖୋଲ ଏନଏସି ର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ବିରଞ୍ଚି ଧରୁଆ, ହଳାୟୁଧ ସେଠ, ଝସକେତନ ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ପ୍ରଫୁଲ୍ଲ ବାରିକ ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ଶିକ୍ଷକ ଚକ୍ରପାଣି ସାହୁଙ୍କୁ ଚନ୍ଦ୍ରଭାନୁ ସ୍ମୃତି ସମ୍ମାନ,ସୁରୋଚନ୍ଦ୍ର କମ୍ପଙ୍କୁ ବାଲୁଙ୍କେଶ୍ୱର ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ବିଜେପିର ଜିଲ୍ଲା ସଭାପତି ପ୍ରମୋଦ ମହାପାତ୍ର, ସାଂସଦ ବ୍ଲକ ପ୍ରତିନିଧି ହେମନ୍ତ ବିଶ୍ୱାଳ, ଗୋବିନ୍ଦ ବାରିକ, ସମିତି ସଭ୍ୟ ପୁରନ୍ଦର ସାହୁ, ମେଘନାଦ ପଧାନ ଅତିଥି ଭାବେ ଯୋଗଦେଇଥିଲେ। ଉଦ୍‌ଯାପନୀ ମଞ୍ଚକୁ ସ୍ୱର୍ଗତ ରାଧେଶ୍ୟାମ ସାହୁଙ୍କ ନାମରେ ତାଙ୍କର ପରିବାର ବର୍ଗ ଉପସ୍ଥିତ ରହି ଉତ୍ସର୍ଗିକୃତ କରିଥିଲେ । ରାବଣଙ୍କ ସହ ପ୍ରଭୁ ଶ୍ରୀରାମଙ୍କ ମଧ୍ୟରେ ଘମାଘୋଟ ଲଢ଼େଇ ହେବା ପରେ ରାମଙ୍କ ବ୍ରହ୍ମାସ୍ତ୍ର ରେ ରାବଣ ନିହତ ହୋଇଥିଲେ। ରାବଣ ଭୂମିକାରେ ଦେବକାନ୍ତ ବନଛୋର,ବୀରବାହୁ ବ୍ୟାସଦେବ ସାହୁ, ଶ୍ରୀରାମ ଘନଶ୍ୟାମ ସାହୁ, ଲକ୍ଷ୍ମଣ ଘନଶ୍ୟାମ ମେହେର ଓ ହନୁମାନ ଅଶୋକ ବାଗ, ଅଭିନୟ କରିଥିଲା । ପ୍ରତିଦିନ ସାଂସ୍କୃତିକ କାର୍ଯ୍ୟକ୍ରମ ଦେଖିବାପାଇଁ ଆଖପାଖ ଗ୍ରାମର ଲୋକଙ୍କର ପ୍ରବଳ ଭିଡ଼ ଲାଗି ରହିଥିଲା ।

# ସୁଦର୍ଶନ ପୂଜାରୀଙ୍କ ଆଲୋଚନା ପୁସ୍ତକ ଉନ୍ମୋଚିତ



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ପାନ୍ଥ ନିବାସ ଠାରେ ପ୍ରଫେସର ସୁଦର୍ଶନ ପୂଜାରୀଙ୍କ ଲିଖିତ ଆଲୋଚନା ପୁସ୍ତକ ଆମେ ଆଗେଇବା ଓ ଅନ୍ୟାନ୍ୟ ଉନ୍ମୋଚିତ ହୋଇଯାଇଛି । ସମ୍ବଲପୁର ବିଶ୍ୱବିଦ୍ୟାଳୟ ଅବସରପ୍ରାପ୍ତ ପ୍ରଫେସର ଡ. କାଳିଦାସ ମିଶ୍ରଙ୍କ ସଭାପତିତ୍ୱରେ ସଭା ହୋଇଥିଲା । କବି ରାମକୃଷ୍ଣ ଓ ଡ. କାମଦେବ ସାହୁ ଆଲୋଚକ ଭାବେ ଯୋଗ ଦେଇଥିଲେ । ଲେଖକଙ୍କ ବଡ ଭାଇ ଡ. ପଞ୍ଚାନନ ପୂଜାରୀ, ବିପିନ ବିହାରୀ ନନ୍ଦ ଓ ଅବସରପ୍ରାପ୍ତ ପ୍ରଫେସର ଡ. ବନମାଳୀ ପ୍ରଧାନ ଅତିଥି ଭାବେ ଯୋଗ ଦେଇ ଉନ୍ମୋଚନ କରିଥିଲେ । ଡ. ପ୍ରଦୀପ କୁମାର ହୋତା ମଂଚ ପରିଚାଳନା କରିଥିବା ବେଳେ ସାହିତ୍ୟିକ ମୋହନ ସାହୁ ଏହି ପୁସ୍ତକ ପ୍ରକାଶନର ପୃଷ୍ଠଭୂମିରୁ ଉନ୍ମୋଚନ ପର୍ଯ୍ୟନ୍ତ ଘଟଣାବଳୀ ସମ୍ପର୍କରେ ଆଲୋଚନା କରିଥିଲେ । ଶେଷରେ ଡ. ଜିଗୀଷା ପୂଜାରୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ନାଲଖଣ୍ଡି ପଡାର ଗଜଲକ୍ଷ୍ମୀ ପୂଜା



ବଲାଙ୍ଗିର,(ସବ୍ୟୁ): ସହରର ମଧ୍ୟ ଭାଗରେ ରହିଥିବା ନାଲଖଣ୍ଡି ପଡା ଠାରେ ଧୁମଧାମରେ ୫୨ତମ ମା' ଗଜଲକ୍ଷ୍ମୀଙ୍କ ପୂଜା ଆରମ୍ଭ ହୋଇ ଯାଇଛି। ପଡାର ଶତାଧିକ ମହିଳା ଭକ୍ତ ମାନଙ୍କ ଓ ପୂଜା କମିଟିର କର୍ମକର୍ତ୍ତାଙ୍କ ଗହଣରେ ମା' ଗଜଲକ୍ଷ୍ମୀଙ୍କ ପୂଜା ପାଇଁ ସ୍ଥାନୀୟ ମହାରାଣୀ ସାଗର ଠାରୁ କଳସରେ ପଣି ଆଣି ନିଆରା ଢଙ୍ଗରେ କଳସ ଯାତ୍ରା କରାଯାଇ ଲଗ୍ନ ଅନୁଯାଇ ପୂଜକଙ୍କ ଦ୍ୱାରା ମା'ଙ୍କ ପୂଜା ଆରମ୍ଭ ହୋଇଛି। ଏଥର କର୍ତ୍ତା ଭାବରେ କଲ୍ୟାଣ ସାହାଣୀ ଓ ତାଙ୍କ ଧର୍ମ ପତ୍ନୀ ରୋଜାଲିନ ସାହାଣୀ ମାଁଙ୍କ ସେବାର ସୁଯୋଗ ପାଇଛନ୍ତି। ପ୍ରତ୍ୟହ ଦିନ ସଂଧ୍ୟା ସମୟରେ ବିଭିନ୍ନ ସାଂସ୍କୃତିକ ଓ ଆଳତୀ କାର୍ଯ୍ୟକ୍ରମ ରହିଥିବା ପୂଜା କମିଟି ଠାରୁ ପ୍ରକାଶ। ୭ ଦିନ ଧରି ସଂଧ୍ୟା ସମୟରେ ମା'ଙ୍କ ଅନ୍ନପ୍ରସାଦ ଭକ୍ତ ମାନଙ୍କ ସକାଶେ ଆୟୋଜନ କରାଯାଇଛି । ପୂଜାକମିଟିର ସଭାପତି ଲଳିତ ପଣ୍ଡାଙ୍କ ସମେତ ସୁଭସ୍ମିତା ପଣ୍ଡା,ଦିଲିପ ଶତପଥି ଓ ବାବୁ ପୂଜାରୀ ସମେତ କମିଟିର ବହୁ ସଦସ୍ୟ ସହଯୋଗ କରୁଛନ୍ତି ।

## ଆଧାର ଅଭିଯୋଗ ସମାଧାନ ଶିବିରରେ ଅସମ୍ଭାଳ ଭିଡ଼

କୋରାପୁଟ,(ସବ୍ୟୁ): ସ୍ଥାନୀୟ ଦକ୍ଷତା ବୃଦ୍ଧି ତାଲିମ କେନ୍ଦ୍ର ସଭାଗୃହରେ ଜିଲ୍ଲା ପ୍ରଶାସନ ଏବଂ ୟୁଆଇଡିଏଆଇର ମିଳିତ ସହଯୋଗରେ ୧୭ ଓ ୧୮ ତାରିଖ ଦୁଇ ଦିନ ପାଇଁ ଆଧାର ଅଭିଯୋଗ ସମାଧାନ ଶିବିର ଆୟୋଜନ କରୁଛନ୍ତି। ଆରମ୍ଭ ଦିନ ହିଁ ଅସମ୍ଭାଳ ଭିଡ଼ ପରିଲକ୍ଷିତ କରାଯାଇଥିଲା। ପରିଚାଳନାଗତ ଅବ୍ୟବସ୍ଥା ଯୋଗୁଁ ଲୋକମାନେ ହନ୍ତସନ୍ତ ହୋଇଥିବା ଅଭିଯୋଗ ହୋଇଛି। କୋରାପୁଟରେ ଶିବିର ଆୟୋଜନ ହେଉଥିବା ଖବର ପାଇ ଜିଲ୍ଲାର ବିଭିନ୍ନ ବ୍ଲକରୁ ଛୋଟ ପିଲାମାନଙ୍କ ଠାରୁ ଆରମ୍ଭ କରି ବୟସ୍କ ପୁରୁଷ ଓ ମହିଳା ଏବଂ ଭିନ୍ନକ୍ଷମ ବ୍ୟକ୍ତି ମାନେ ଆଧାର ଅପଡେଟ କରିବାକୁ ଲାଇନରେ ଠିଆ ହୋଇଥିଲେ । ଅଧିକାଂଶ ବ୍ୟକ୍ତି ମୋବାଇଲ ନମ୍ବର ଲିଙ୍କ ସମସ୍ୟାକୁ ନେଇ ଆସିଥିବା ଦେଖିବାକୁ ମିଳିଥିଲା। ଲୋକମାନେ ଘଣ୍ଟା ଘଣ୍ଟା ଲାଇନରେ ଠିଆ ହୋଇ ବିରକ୍ତି ପ୍ରକାଶ କରି ଘରକୁ ଫେରି ଯାଇଥିବା ଅଭିଯୋଗ ହୋଇଛି। ପରିଚାଳନା ଅବ୍ୟବସ୍ଥା ଏପରିକି ପୋଲିସ ସୁରକ୍ଷା ବ୍ୟବସ୍ଥା ନ ଥିବା ଓ ପାନୀୟ ଜଳର ବ୍ୟବସ୍ଥା କରାଯାଇ ନ ଥିବା



ଦାମନଯୋଡିର ମନୋଜ ବିଷୋୟୀ ଅଭିଯୋଗ କରିଛନ୍ତି।

ଏହା ଏକ ସ୍ୱତନ୍ତ୍ର ଶିବିର । ଜନ୍ମ ତାରିଖ ଅପଡେଟ ସହ ବରିଷ୍ଠ ନାଗରିକ ଓ ଭିନ୍ନକ୍ଷମ ବ୍ୟକ୍ତି ମାନଙ୍କ ବାୟୋମେଟ୍ରିକ ସମସ୍ୟା ସମାଧାନ ପାଇଁ ଶିବିର ଆୟୋଜନ ହେଉଛି । ଏଥି ନିମନ୍ତେ ୨୦ ଜଣ ଅପରେଟର ଓ ୧୦ ଜଣ ଭେରିଫାଇର ରଖାଯାଇଥିବା ଜିଲ୍ଲା ଇ ପ୍ରଶାସନ ପରିଚାଳକ ମନୋଜ କୁମାର ଦାସ କହିଛନ୍ତି। ୫୦୦ ବ୍ୟକ୍ତିଙ୍କ ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ଅଧିକା ଲୋକ ଆସିଯାଇଥିଲେ। ଭିଡ଼କୁ ଦୃଷ୍ଟିରେ ରଖି ପୋଲିସ ବନ୍ଦୋବସ୍ତ କରାଯାଇଛି। ଏବେ ଭିଡ଼ ନିୟନ୍ତ୍ରଣରେ ରହିଥିବା ସେ କହିଛନ୍ତି। ୟୁଆଇଡିଏଆଇର ଡେପୁଟି ଡାଇରେକ୍ଟର ଚୈତନ୍ୟ ରେଡ୍ଡୀ,ଆସିଷ୍ଟାଣ୍ଡ ଡାଇରେକ୍ଟର ସୌମ୍ୟ ରଂଜନ ସିଂ ପ୍ରମୁଖ ଯୋଗ ଦେଇଥିବା ଜଣାପଡିଛି।

## ରେଖାଙ୍କୁ ଦୌଡରେ ସ୍ୱର୍ଣ୍ଣ ପଦକ



ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଝିଅ ରେଖା ଦେ ୪୫ବର୍ଷୀୟ ମହିଳା ବର୍ଗ ୧୦୦ମିଟର ଦୌଡରେ ସ୍ୱର୍ଣ୍ଣ ପଦକ ହାସଲ କରିଛି । ଏଥିସହ ଲମ୍ବଡିଆଁରେ ସ୍ୱର୍ଣ୍ଣ ଓ ଟ୍ରିପଲ ଡିଆଁରେ ବ୍ରୋଞ୍ଜ ପଦକ ହାସଲ କରି ଜିଲ୍ଲା ଓ ରାଜ୍ୟ ପାଇଁ ଗୌରବ ଆଣିଛନ୍ତି । ତେଣୁ ଆର୍ନ୍ତଜାତୀୟ ମାଷ୍ଟର କ୍ରୀଡାବିତ୍ ସୁନ୍ଦରମଣି ବାରିକ ତାଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରିଥିଲେ । ସୂଚନାଯୋଗ୍ୟ, ୩୬ତମ ମାଲେସିଆନ ଆର୍ନ୍ତଜାତୀୟ ଓପନ ମାଷ୍ଟର୍ସ ଏଥେଲେଟିନିସ୍ ଚାମ୍ପିୟାନସିପ୍ ୨୦୨୪ କୁଆଲାଲମପୁର ଠାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୮ଟି ଦେଶର ପ୍ରାୟ ୯୦୦ଜଣ ମହିଳା ଓ ପୁରୁଷ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ । ତେବେ ରେଖା ତାଙ୍କର ଶ୍ରେଷ୍ଠ କ୍ରୀଡା ପ୍ରଦର୍ଶନ କରିଥିଲେ ।

## ଔଷଧ ଉପଚାରିତ ମଶାରୀ ବଣ୍ଟନ

ହରଭଙ୍ଗା,(ସବ୍ୟୁ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ ଦୁର୍ଗମ ପଂଚାୟତ ମହାଲିକ ପଡ଼ା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଗୁରୁବାର ଜିଲ୍ଲାର ପ୍ରଥମ ଦୀର୍ଘସ୍ଥାୟୀ ଔଷଧ ଉପଚାରିତା ମଶାରୀ ବଣ୍ଟନର ଶୁଭାରମ୍ଭ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର ଆଡେଣିଗଡ଼ ପକ୍ଷରୁ ଉକ୍ତ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା.ଜୟକୃଷ୍ଣ ମିଶ୍ରଙ୍କ ପଭାପତିତ୍ୱରେ ମଶାରୀ ବଣ୍ଟନ ଓ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା । ବୈଠକରେ ଜିଲ୍ଲାପରିଷଦ ଅଧ୍ୟକ୍ଷା ପ୍ରଭାସିନୀ ଦାସ, ଜିଲ୍ଲାପାଳ ସୁବ୍ରତ ପଣ୍ଡା, ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଅନିରୁଦ୍ଧ ପ୍ରଧାନ, ହରଭଙ୍ଗା ବ୍ଲକ ଅଧ୍ୟକ୍ଷା ସ୍ନେହଲତା ପ୍ରଧାନ, ବିଡ଼ିଓ ଶରତ କୁମାର ସେଠି, ବୌଦ୍ଧ ଡି ପି ଏଚ ଓ ଡା. ସାହୁ, ଉପାଧ୍ୟକ୍ଷ କାହ୍ନୁ ଚାରଣ ନାଥ, ସ୍ଥାନୀୟ ସରପଞ୍ଚ ମାମୁନି ବାଘ, ନାଏକ ସରପଞ୍ଚ ଉପସ୍ଥିତ ରହି ମ୍ୟାଲେରିଆ ରୋଗର ଚିହ୍ନଟ, ଚିକିତ୍ସା ଓ ସଚେତନତା, ମଶାରୀ ଉପକାରିତା ଉପରେ ଉପସ୍ଥିତ ଥିବା ଜନ ସାଧାରଙ୍କ ସମ୍ମୁଖରେ ନିଜ ନିଜ ମତ ରଖିଥିଲେ। ଶେଷରେ ଔଷଧ ଉପଚାରିତା ମଶାରୀକୁ ଶୁଭାରମ୍ଭ କରି ହିତାଧିକାରୀଙ୍କୁ ଅତିଥିଙ୍କ ଦ୍ୱାରା ଲୋକ ମାନଙ୍କୁ ପ୍ରଦାନ କରାଯାଇଥିଲା । ସର୍ବଦା ଦୁର୍ଗମ ଅଞ୍ଚଳକୁ ଗସ୍ତ କରି ଲୋକଙ୍କୁ ସଚେତନତା କରି ଆସୁଥିବା ଆଶା, ସ୍ୱାସ୍ଥ୍ୟ କର୍ମୀ, ସ୍ୱେଚ୍ଛାସେବୀ ଓ ଡାକ୍ତରଙ୍କୁ ଅତିଥି ମାନଙ୍କ ଦ୍ୱାରା ପ୍ରମାଣପତ୍ର ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ନୃତ୍ୟ ଗୀତ ମାଧ୍ୟମରେ ଜନ ସାଧାରଣଙ୍କୁ ମ୍ୟାଲେରିଆ ଓ ମଶାରୀ ଉପରେ ସଚେତନତା କରାଯାଇଥିଲା । କାର୍ଯ୍ୟକ୍ରମ ରେ ସ୍ୱାସ୍ଥ୍ୟ ବିଭାଗର ବି ପି ଏମ ଅରୁଣ ପାଢ଼ୀ, ଗୋଷ୍ଠି ସ୍ୱାସ୍ଥ୍ୟ ଅଧିକାରୀ ଆଡେଣିଗଡ଼ ଶ୍ରୀମନ୍ତ ସ୍ୱାଇଁ ଶିବିରକୁ ପରିଚାଳନା କରିଥିବା ବେଳେ ବ୍ଲକ ସ୍ତରୀୟ ପ୍ରାଣୀ ଚିକିତ୍ସା ବିଭାଗ , ମସ୍ତ ବିଭାଗ ତଥା ସ୍ୱାସ୍ଥ୍ୟ ବିଭାଗର ଆଶା, ସ୍ୱାସ୍ଥ୍ୟକର୍ମୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମ ପରେ ଜିଲ୍ଲାପାଳ ଉପାନ୍ତ ଅଞ୍ଚଳ ମାରଡ଼ା ଗାଁ ପରିଦର୍ଶନରେ ଯାଇଥିଲେ ।

## କ୍ଷତ୍ରିୟ ପାଇକ ସଙ୍ଗଠନ ପକ୍ଷରୁ ଶୋଭାଯାତ୍ରା



ଜୟପାଟଣା,(ସବ୍ୟୁ): ଯୁବ କ୍ଷତ୍ରିୟ ପାଇକ ସଂଗଠନ ପକ୍ଷରୁ ବିଜୟା ଦଶମୀ ଶୋଭାଯାତ୍ରା ମହାସମାରୋହରେ ପାଳିତ ହୋଇଯାଇଛି। ସ୍ଥାନୀୟ ଶିବ ମନ୍ଦିରରୁ ଏକ ବିଶାଳ ଶୋଭଯାତ୍ରା ବାହାରି କନକଦୁର୍ଗା ମନ୍ଦିର , ରାଜ ବାଟି, ମା ଅନ୍ନପୂର୍ଣ୍ଣା ମନ୍ଦିର, ମା କାଳୀ ମନ୍ଦିର, ମା ଡୋକରି ମନ୍ଦିର, ନିତେଇଗୌର ମନ୍ଦିର ଦେଇ ପାରମ୍ପରିକ ବାଜା ସହିତ ନଗର ପରିକ୍ରମା ସହ ସମାପନ ହୋଇଛି। ଆବାହମାନ କାଳରୁ କ୍ଷତ୍ରୀୟ ପାଇକ ମାନେ ବିଜୟା ଦଶମୀରେ ଅସ୍ତ୍ରପୂଜା କରିବା ସହିତ ଦେବା ଦେବୀଙ୍କ ମନ୍ଦିରରେ ପୂଜାର୍ଚ୍ଚନା କରି ପାଇକ ଆଖଡ଼ା ପ୍ରଦର୍ଶନ କରିଥାନ୍ତି। କାର୍ଯ୍ୟକ୍ରମରେ ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଥିଲେ। ଶୋଭାଯାତ୍ରାରେ ଜୟପାଟଣା,ତାଳଗୁଡ,ପତିଗୁଡା, ବନମାଳୀପୁର, ମୁଖିଗୁଡା, କଳମପୁର ବ୍ଲକର ଦେପୁର,ପାତ୍ରସା ଅଂଚଳ ର ପାଇକ ଯୁକ, ବୟସ୍କ, ଏବଂ ମହିଳା ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ଯୁବ ସଂଗଠନ ତରଫରୁ ବିକାଶ ଦଳପତି, ସନ୍ତୋଷ ପୁଝାରୀ, ପ୍ରଦୀପ ପ୍ରଧାନୀ,ସୁନିଲ ବିଶି,ପୂପୁନ ନାୟକ, ଡମ୍ବରୁଧର ମହାଲିକ,ମିଳିନ ପାତ୍ର, ଉଦିତ ରାଉତ, ରଞ୍ଜିତ ପୁଝାରୀ, ପ୍ରମୋଦ ନାୟକ, ବିନୀତ ନାୟକ, ଜଗଦୀଶ ନାୟକ,ଲିପୁନ ନାୟକ,ଭବାନୀ ବାହୁକ, ଚିତ୍ତରଞ୍ଜନ ଦଳପତି ଉପେନ୍ଦ୍ର ଦଣ୍ଡସେନା ପ୍ରମୁଖ ସକ୍ରିୟ ସହଯୋଗ କରିଥିଲେ।

## ପାଟଖଣ୍ଡା ଯାତ୍ରାର ଭିନ୍ନ ପରମ୍ପରା

ବଲାଙ୍ଗିର,(ସବ୍ୟୁ): ରାଜା ରାଜୁଡ଼ା ଅମଳରୁ ଚାଲି ଆସୁଥିବା ଜରାସିଂହା ପାଟଖଣ୍ଡା ଯାତ୍ରାରେ ଅନେକ ପରମ୍ପରା ରହିଛି। ଯାତ୍ରା ଆରମ୍ଭ ହେବା ଦିନରୁ ଶେଷ ହେବା ପର୍ଯ୍ୟନ୍ତ ଢୋଲ ନିଶାନ ଓ ମୁହୁରୀ ଗୋଟିଏ ସ୍ୱରରେ ବାଜୁଥିବା ବେଳେ ଦେବୀ ଆର୍ବିର୍ଭାବ ହେବା ଦିନରୁ ନଗାଧୋଇ ଅକାଠୁଆ ରହନ୍ତି ୩୨ ଦେହୁରୀ। କେବଳ ଜମିଦାର ନିଜର ନିତ୍ୟକର୍ମ କରି ଗାଧୋଉଥିବା ବେଳେ ୩୨ ଦେହେରୀ ଅକାଠୁଆ ରହି କେବଳ ଜଳ ପାନ କରିବାର ନିଆରା ପରମ୍ପରା ରହିଛି। ମଣିଷ ପ୍ରତି ଦିନ ଦିନକୁ ଦୁଇ ଥର ଦାନ୍ତ ଘଷୁଥିବା ବେଳେ ଆଧୁନିକ ଯୁଗର ମଣିଷ ୫ ଦିନ ଧରି ଅକାଠୁଆ ରହି ଦେବୀଙ୍କ ଶରଣରେ ରହିବା ଅନେକଙ୍କୁ ଆଶ୍ଚର୍ଯ୍ୟ କରିଥାଏ ।

ଦେଝର ଜଙ୍ଗଲରୁ ଦେବୀ ପାଟଖଣ୍ଡା ଉଛ ବାହାଳି, ବଉରା ପିଟା, ସେଲମାଙ୍କ ଖଳାରେ ଭକ୍ତଙ୍କ ଗୁହାରି ଶୁଣି ଜିନିଷି ଗୁଡ଼ିକୁ ପ୍ରବେଶ କରିବା ପରେ ଏକ ବୋଦାକୁ ବଳି ଦେଇ ତାର କଲିଜାକୁ ମାଟି ହାଣ୍ଡିରେ ଭୋଗ ପସ୍ତୁତ କରି ଦେବୀଙ୍କ ପାଖରେ ଅର୍ପଣ କରିବା ପରେ ୩ ଜଣ ବାରିକ, ୩ ଜଣ ବାଜାବାଲା ଏବଂ ୬ ଜଣ ବାହାଧରୁ କାଠି କରିବାର ପରମ୍ପରା ରହିଛି। ଏହି ୧୨ ଜଣଙ୍କୁ ଛାଡି ବାକି ଥିବା ୨୦ ଜଣ ଦେହେରୀ ପାଟଖଣ୍ଡା ଦେବୀ ଦେଝାରକୁ ଗମନ କରିବା ପରେ ଛତରଙ୍କୁ ମନ୍ଦିରରେ ରଖି ଘରକୁ ଗଲେ କାଠି କରି ଗାଧୋଇବାର ପରମ୍ପରା ରହିଛି ବୋଲି ବୁଢୀ ଆଇ ଦେବୀଙ୍କ ପୂଜକ ଉଜ୍ୱଳ ଝାଙ୍କର ପ୍ରକାଶ କରିଛନ୍ତି।

ଖାଲି ଏତିକି ନୁହେଁ ଶହ ଶହ ବର୍ଷର ଯାତ୍ରାରେ ଅନେକ ଗୁଡ଼ିଏ ପରମ୍ପରା ରହିଛ। ମହାଳୟା ତଳେଇ ବସା ଦିନରୁ ପଟଖଣ୍ଡା ମନ୍ଦିରରେ ପୂଜା ଆରମ୍ଭ ହୋଇଥାଏ। ପ୍ରତିଦିନ ଗୋଟିଏ ଗୋଟିଏ ଦହନା ମାଲ ନବମୀ ଦିନ ପର୍ଯ୍ୟନ୍ତ ଦିଆଯାଇଥାଏ। ଏହି ଦାହନା ମାଲ ଓ ଚୁଲୁକୁ ପିନ୍ଧି କି ମୁଖ୍ୟ ଦେହେରୀ ଦେଝରକୁ ଗଲା ପରେ ବରୁଆ ଦେହରେ ଦେବୀ ଆର୍ବିଭାବ ହୋଇ ୫ ଦିନ ପାଇଁ ଯାତ୍ରାଖଳାକୁ ଆସିବାର ପରମ୍ପରା ରହିଛି।

## ରକ୍ତଦାନ ଶିବିର ୫୧ ୟୁନିଟ ସଂଗୃହିତ

ବରଗଡ଼,(ସବ୍ୟୁ): ବରଗଡ଼ ଉପକଣ୍ଠ ଡାଙ୍ଗ ଗ୍ରାମରେ ଆଜି ଆୟୋଜନ ହୋଇଥିବା ୨୬ତମ ଗଜଲକ୍ଷ୍ମୀ ପୂଜା ଅବସରରେ ମାଁ ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା ପରେ ନେତାଜୀ ଯୁବକ ସଙ୍ଘ ଓ ସଂକଳ୍ପ ପରିବାର,ବରଗଡ଼ର ମିଳିତ ଆନୁକୂଲ୍ୟରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ରକ୍ତଦାନ ଶିବିରରେ ବରେଣ୍ୟ ଅତିଥି ଭାବରେ ବରଗଡ଼ ବିଧାୟକ ଅଶ୍ୱିନୀ ସରଙ୍ଗୀ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ଓ ସାଧୁ ନେପାକ, ଡି. ନାଗେଶ୍ୱର ରାଓ ପ୍ରମୁଖ ଯୋଗଦାନ କରି ରକ୍ତଦାତା ମାନଙ୍କୁ ଉତ୍ସାହିତ କରିଥିଲେ । ରକ୍ତଦାନ ଶିବିରରେ ୧୬ଜଣ ମହିଳା ରକ୍ତଦାତ ସମେତ ମୋଟ ୫୧ୟୁନିଟ ରକ୍ତ ବରଗଡ଼ ରକ୍ତଭଣ୍ଡାର କର୍ମଚାରୀଙ୍କ ଦ୍ୱାରା ସଂଗ୍ରହ କରାଯାଇଥିଲା । ସଂକଳ୍ପ ପରିବାର ସଭାପତି ବିକାଶ ଅଗ୍ରୱାଲ, ସମ୍ପାଦକ ଜି ରମେଶ ଙ୍କ ତତ୍ତ୍ୱାବଧାନରେ ପ୍ରତ୍ୟୁଷ ସରଙ୍ଗୀ ,ସିମରନ ପଧାନ, ରୁବିରାଣୀ ପାଢ଼ୀ, ବାସ୍ମତି ବଞ୍ଚର, ସୁରେନ ଭୁଏ, ଦେବେନ ଭୁଏ ,ଆକାଶ ପାଣ୍ଡେ , ଚନ୍ଦନ ପଧାନଙ୍କ ସହିତ ନେତାଜୀ ଯୁବକ ସଂଘର ସାହିଲ ଥପା ଙ୍କ ସଭାପତିତ୍ୱରେ ଶଙ୍କର ଠେଲା, କରୁଣା ଭୋଇ, ମନୋଜ କୁମାର ମାଝୀ, ନିର୍ମଳ ଠେଲା, ଟିଙ୍କୁ ରାଉତ, ଆଶିଷ ପାଣିଗ୍ରାହୀ, ଆୟୁଷ ପାଣିଗ୍ରାହୀ, ସୁଜିତ ପାଣିଗ୍ରାହୀ, ହୃଷିକେଶ ବଗର୍ତ୍ତି, ରାଜୁ ବଗର୍ତ୍ତି, ପଞ୍ଚମ ଠେଲା ପ୍ରମୁଖ ଉପସ୍ଥିତ ରହି ଶିବିରକୁ ସଫଳ କରିଥିଲେ ।

## ବିଭିନ୍ନ ସ୍ଥାନରେ ଗଜଲକ୍ଷ୍ମୀ ପୂଜା

ହରଭଙ୍ଗା,(ସବ୍ୟୁ): ସରିଛି ଦଶହରା ଆରମ୍ଭ ହୋଇଯାଇଛି ମା ଗଜ ଲକ୍ଷ୍ମୀ ପୂଜା । ଏନେଇ ସବୁଠି ଲକ୍ଷ୍ମୀପୂଜା ମଣ୍ଡପ ଦର୍ଶକଙ୍କ ବଢୁଛି ଗହଳ ଚହଳ । ସେହିପରି ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକର ବିଭିନ୍ନ ସ୍ଥାନରେ ଆରମ୍ଭ ହୋଇଯାଇଛି ମାଁ ଗଜଲକ୍ଷ୍ମୀ ପୂଜା । ଏପରିକି ଗ୍ରାମାଞ୍ଚଳଠୁ ଆରମ୍ଭ କରି ବିଭିନ୍ନ ଅନୁଷ୍ଠାନ, କ୍ଲବ, କମିଟି ପକ୍ଷରୁ ଗଜଲକ୍ଷ୍ମୀ ପୂଜା ମଧ୍ୟ ଯାକ ଜକମରେ ହେଉଥିବା ବେଳେ ସନ୍ଧ୍ୟାରେ ରଙ୍ଗିନ ଲାଇଟ ସାଙ୍ଗକୁ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ମନ ମୋହୁଛି । ସେହିପରି ବ୍ଲକର ଦେବଗଡ଼ ଗ୍ରାମରେ ପାଳିତ ହୋଇଯାଇଛି ଗଜଲକ୍ଷ୍ମୀ ପୂଜା। ଚଳିତ ବର୍ଷ ମଧ୍ୟ ୫ ଦିନ ଧରି ମା ଗଜଲକ୍ଷ୍ମୀ ପୂଜା ପାଳନ ହେବ । ପ୍ରତ୍ୟେକ ବର୍ଷ ଭଳି ଏ ବର୍ଷ ମଧ୍ୟ ପ୍ରଥମ ଦିନରେ କମିଟି ପକ୍ଷରୁ ଆବାଳ ବୃଦ୍ଧ ବନିତା ପର୍ଯ୍ୟନ୍ତ ଅନ୍ନ ପ୍ରସାଦ ବଣ୍ଟନ ବ୍ୟବସ୍ଥା କରାଯାଇଥିଲା । କାର୍ଯ୍ୟକ୍ରମକୁ ସୁଧିର ମେଣ୍ଡିଲି, ଉପେନ୍ଦ୍ର ବଡମାଳି, ଡମ୍ବରୁଧର ଅମାତ, ଶ୍ରୀ କାନ୍ତ କହଁର ଓ ଅନ୍ୟାନ୍ୟ ପୂଜା କମିଟି ସଦସ୍ୟ ମାନେ ସହଯୋଗ କରିଥିବା ବେଳେ ରାମଗଡ଼ ମହାଜନ ସାହି, କ୍ଷେତ୍ତି ସାହି, ମାଳୀ ସାହି, ତିଳେଶ୍ୱର, ଉଦୟପୁର, ହରଭଙ୍ଗା, କରଞ୍ଜ କଟା, ନୂଆପଡା, କୁମାରୀ, ବୈକୁଣ୍ଠ ପୁର, ସରସରା, ବିରାମଚନ୍ଦ୍ର ପୁର,ଆଦି ପୂଜା ମଣ୍ଡପରେ ମାଁ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେଉଥିବା ଦେଖିବାକୁ ମିଳୁଛି ।

## ୨୦ରେ ଶ୍ରୀମତି ସମ୍ବଲପୁର ପ୍ରତିଯୋଗିତା

ସମ୍ବଲପୁର,(ସବ୍ୟୁ): ସମ୍ବଲପୁର ଅଞ୍ଚଳର ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବା ସହ ପ୍ଲାଟଫର୍ମ ପ୍ରଦାନ ସାଇ ଶିକ୍ଷା ପରିଷଦର ଲକ୍ଷ୍ୟ ଅଟେ । ତେଣୁ ୩ବର୍ଷ ହେବ ଏହି ଅନୁଷ୍ଠାନ ପ୍ରୟାସ ଜାରି ରଖିଛି । ପ୍ରଥମ ଥର ପାଇଁ ଅକ୍ଟୋବର ୨୦ରେ ଶ୍ରୀମତି ସମ୍ବଲପୁର ପ୍ରତିଯୋଗିତା ଆୟୋଜିତ ହେବ । ଏଥିପାଇଁ ୨୧ବର୍ଷରୁ ୫୫ବର୍ଷ ପର୍ଯ୍ୟନ୍ତ ମହିଳା ଭାଗ ନେଇ ପାରିବେ । ଗୁରୁବାର ସ୍ଥାନୀୟ ସାମ୍ବାଦିକ ଭବନ ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କାର୍ଯ୍ୟକ୍ରମ ସଭାପତି ଭୋଲା ମହନ୍ତମ ଏହା କହିଥିଲେ । ସେ ଆହୁରି କହିଥିଲେ ଯେ,୧୨ରୁ ୧୭ବର୍ଷୀୟ ଯୁବକ ଓ ଯୁବତୀଙ୍କ ନେଇ ଆସନ୍ତା ଅକ୍ଟୋବର ୨୭ରେ ମିସ୍ ଟିନ୍ ଓ ମାଷ୍ଟ ଟିନ୍ ଏବଂ ୬ରୁ ୧୨ବର୍ଷ ବୟସ୍କ ଶିଶୁ ମାନଙ୍କୁ ନେଇ ୩ନଭେମ୍ବରରେ ଲିଟିଲ ମିସ୍ ଓ ଲିଟିଲ ମାଷ୍ଟର ଅଡିସନ୍ କରାଯିବ । ପ୍ରତି ବିଭାଗରୁ ୧୨ଜଣ ଲେଖାଁଏଙ୍କୁ ଚୟନ କରାଯାଇ ଫାଇନାଲ ରାଉଣ୍ଡ କରାଯିବ । ସେଥିରୁ ଯୋଗ୍ୟ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବାର ବ୍ୟବସ୍ଥା ରହିଛି । ଏହି ସାମ୍ବାଦିକ ସମ୍ମିଳନୀରେ ନୃତ୍ୟଗୁରୁ ଅସୀମ ପ୍ରଧାନ, ଉପଦେଷ୍ଟା ଗୋଲକ ମିଶ୍ର ଓ ତ୍ରିଲୋଚନ ତ୍ରିପାଠୀ ଏବଂ ଟ୍ରେନର ମୀମାଂଶା ରଥ ମଞ୍ଚାସୀନ ରହି କାର୍ଯ୍ୟକ୍ରମ ସମ୍ପର୍କରେ ସବିଶେଷ ସୂଚନା ଦେଇଥିଲେ ।

## ରାଜମାତା ଗୁଣବନ୍ତିଙ୍କ ଶୋକ ସଭା



ଝାରସୁଗୁଡ଼ା,(ସବ୍ୟୁ): ସହିଦ୍ କରୁଣାକର ସିଂହ ନାଏକ, ଖଗ ନାଏକ ଓ କହ୍ନେଇ ନାଏକ ସ୍ମୃତି ଟ୍ରଷ୍ଟର ପ୍ରତିଷ୍ଠାତା କୋଲାବିରା ଗଡ଼ର ରାଜମାତା ଗୁଣବନ୍ତୀ କୁମାରୀ ଦେଇଙ୍କର ଶୋକସଭା ଅନୁଷ୍ଠିତ ହୋଇଥିଲା । ସ୍ଥାନୀୟ ତେଲେଙ୍ଗା ପଡାଠାରେ ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା, ସମ୍ମିଳିତ ଆଦିବାସୀ ସମାଜ ଓ ଆଦିବାସୀ ଶକ୍ତି ପିଠ ସେବା ଟ୍ରଷ୍ଟର ମିଳିତ ସହଯୋଗରେ ଅନୁଷ୍ଠିତ ହୋଇଥିଲା । ସ୍ୱର୍ଗତ ରାଜମାତା ୧୯୪୫ ମସିହା ମାର୍ଚ୍ଚ ୨ ତାରିଖରେ ପାହାଡା ସିରଗିଡା ଜମିଦାର ପିତା ଲାଲ ତୁଲେଶ୍ୱର ସିଂହ ଓ ମାତା ହୀରାବତୀଙ୍କ ଔରସରୁ ଜନ୍ମଗ୍ରହଣ କରିଥିଲେ। ସେମାନେ ଚାରୀ ଭଉଣୀ ଓ ଦୁଇ ଭାଇ ଥିଲେ । ତାଙ୍କର ବାହାଘର କୋଲାବିରା ଗଡ଼ର ଜମିଦାର୍ ଲାଲ ରାଜେନ୍ଦ୍ର ସିଂହଙ୍କ ସହିତ ହୋଇଥିଲା। ଲାଲ ରାଜେନ୍ଦ୍ର ସିଂହ ଜଣେ ଜନ ସେବାକାରୀ ବ୍ୟକ୍ତି ଭାବରେ ପରିଗଣିତ। ସେ ୧୯୬୭-୧୯୭୧ ମସିହା ପର୍ଯ୍ୟନ୍ତ ଲଇକେରା ବିଧାନସଭା ମଣ୍ଡଳୀର ବିଧାୟକ ଥିଲେ। ସ୍ୱାମୀଙ୍କ ପଛେ ପଛେ ରହି ଗୁଣବନ୍ତୀ ବହୁ ଲୋକଙ୍କର ବିଭିନ୍ନ ପ୍ରକାର ସମସ୍ୟା ତଥା ସେବା କାର୍ଯ୍ୟ ତୁଲାଇଛନ୍ତି। ଜମିଦାର ଘରର ବୋହୂ ହୋଇଥିଲେ ମଧ୍ୟ ତାଙ୍କର ନିରାଡମ୍ବର ଜୀବନ ଯାପନ ସରଳ ବ୍ୟବହାର ଲୋକମାନକର ମନକୁ ଛୁଇ ଥିଲା। ସେ ୨୦୦୨ ମସିହାରୁ ପାଞ୍ଚବର୍ଷ କୋଲାବିରା ବ୍ଲକର ସମିତି ସଭ୍ୟା ମଧ୍ୟ ଥିଲେ। ତାଙ୍କର ପଥ ପ୍ରଦର୍ଶନ ଯୋଗୁ ୨୦୧୮ ମସିହାରେ ବୀର୍ ସୁରେନ୍ଦ୍ର ସାଏଙ୍କର ମୁକ୍ତି ସଂଗ୍ରାମରେ ଭାଗ ନେଇ ବ୍ରିଟିଶ୍ ମାନଙ୍କ ଦ୍ୱାରା ଫାଶି ପାଇଥିବା କୋଲାବିରା ଗଡ଼ର ସହିଦ୍ କରୁଣାକର ସିଂହ ନାଏକ, ତାଙ୍କ ଭାଇ ଖଗ ନାଏକ ଓ ପୁତୁରା କହ୍ନେଇ ନାଏକଙ୍କର ଆତ୍ମୋତ୍ସର୍ଗ ଦିବସ ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭା, ସମ୍ମିଳୀତ ଆଦିବାସୀ ସମାଜ ଓ ସ୍ମୃତି ଟ୍ରଷ୍ଟର ମିଳିତ ଉଦ୍ୟମରେ ପାଳିତ ହୋଇଥିଲା । ଆଜିକାର ଶୋକ ସଭାରେ ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭାର ରାଜ୍ୟ ସଭାପତି ମହେନ୍ଦ୍ର ନାଏକ, ଜିଲ୍ଲା ସଭାପତି ଡମ୍ବରୁଧର ନାଏକ, ସମ୍ବଲପୁର ଜିଲ୍ଲା ଗୋଁଣ୍ଡ ମହାସଭାର ମହାସଚିବ ମନୋଜ ନାଏକ, ଉପଦେଷ୍ଟା ଗୋବିନ୍ଦ ଚନ୍ଦ୍ର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ଖେଳାଳିଙ୍କୁ ସମ୍ବର୍ଦ୍ଧନା



ଭବାନୀପାଟଣା,(ସବ୍ୟୁ): ୩୩ ତମ ବରିଷ୍ଠ ଜାତୀୟସ୍ତରୀୟ ଉସୁ ଚମ୍ପିୟାନସିପ ଉତ୍ତରାଖଣ୍ଡର ଦେହେରାଡୁନ ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗୀତାରେ କଳାହାଣ୍ଡି ଜିଲ୍ଲାରୁ ବିକାଶ ବାଗ କାଂଶ୍ୟ ପଦକ ଜିତି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି । ତାଙ୍କୁ କଳାହାଣ୍ଡି ଏଡିଏମ ତନ୍ମୟ କୁମାର ଦରୱାନ ଖେଳାଳିଙ୍କୁ ସମ୍ବର୍ଦ୍ଧନା କରିଥିଲେ ।

## ବନ ସୁରକ୍ଷାରେ ଗୋରାମ୍ଭା ଗ୍ରାମବାସୀ : ଗଛ କାଟିଲେ ଜରିମାନା

ନବରଙ୍ଗପୁର,(ସବ୍ୟୁ): ଆଉ ପୂର୍ବ ଭଳି ଘଞ୍ଚ ଜଙ୍ଗଲ ଦେଖିବାକୁ ମିଳୁନାହିଁ। ବିଭିନ୍ନ ଅଞ୍ଚଳରୁ ଲୋକମାନେ ଆସି ଜଙ୍ଗଲ ନଷ୍ଟ କରି ଜନବସତି ସ୍ଥାପନ କରିବା ସହ ଚାଷ ଜମି କରିଦେଇଛନ୍ତି। ରାଜ୍ୟର ଅନ୍ୟ ଅଞ୍ଚଳ ସମେତ ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକରେ ଜଳବାୟୁ ପରିବର୍ତ୍ତନ ହେବାରେ ଲାଗିଛି। ଫଳରେ ସ୍ୱଳ୍ପ ବୃଷ୍ଟିପାତ ଯୋଗୁଁ ବ୍ଲକରେ ବିଭିନ୍ନ କିସମର ଚାଷ କରିବାରେ ସମସ୍ୟା ହେବା ସହ କାର୍ତ୍ତିକ ମାସରେ ଜ୍ୟେଷ୍ଠ ମାସର ତାତି ଅନୁଭବ ହେଉଛି।

ଜଙ୍ଗଲ ସୁରକ୍ଷା କମିଟି ଏବଂ ଗ୍ରାମବାସୀଙ୍କ ପ୍ରୟାସ ସହ ବନ ବିଭାଗ ସହାୟତାରେ କିଛି ଜଙ୍ଗଲ ସୁରକ୍ଷିତ ରହିଛି। ସେହିଭଳି ଏକ ଶତାୟୁ ଜଙ୍ଗଲ ନବରଙ୍ଗପୁର ଜିଲ୍ଲା ଝରିଗାଁ-ଉମରକୋଟ ଯିବା ରାସ୍ତା କଡ଼ରେ ଥିବା ଗୋରାମ୍ଭା ଗ୍ରାମ ନିକଟରେ ଦେଖିବାକୁ ମିଳିଛି।

ଆଜିକୁ ଏକ ଶହ ବର୍ଷ ପୂର୍ବେ ଏକାମ୍ଭା ପଞ୍ଚାୟତ ଅନ୍ତର୍ଗତ ଗୋରାମ୍ଭା ଗ୍ରାମ ନିକଟରେ ପ୍ରାକୃତିକ ଜଙ୍ଗଲ ସୃଷ୍ଟି ହୋଇଥିଲା। ଉକ୍ତ ଜଙ୍ଗଲକୁ ଭୀମାଭାଙ୍ଗା ଜଙ୍ଗଲ ନାମରେ ନାମିତ କରାଯାଇଥିଲା। ଗୋରାମ୍ଭା ଗ୍ରାମର ପୂର୍ବ ପୁରୁଷମାନେ ସୁରକ୍ଷା ଦେଇ ଆସୁଥିବା ବେଳେ ପିଢି ପରେ ପିଢି ଗ୍ରାମବାସୀ ଜଙ୍ଗଲକୁ ସୁରକ୍ଷା ଦେଇ ଆସୁଛନ୍ତି। ପ୍ରାୟ ୫୦ ଏକର ଜାଗାରେ ଭୀମାଭାଙ୍ଗା ଜଙ୍ଗଲ ରହିଥିବା ବେଳେ ଜଙ୍ଗଲରେ ୨୦୦ ଶହରୁ ଅଧିକ ବିରାଟ ଶାଳ, ପିଆଶାଳ, କେନ୍ଦୁ, ସିଉନା, ହରିଡ଼ା, ବାହାଡ଼ା, ବେଲ, ଅଁଅଳା, ଶାଗୁଆନ, ମହାଲିମ୍ବ, ଆଦନ ସୁନାରି ଭଳି ବିଭିନ୍ନ ଗଛ ରହିଥିବା ବେଳେ ଔଷଧୀୟ ବୃକ୍ଷ ସମେତ ଲତା ଗୁଳ୍ମ ମଧ୍ୟରେ ଦେଓ ବାଡ଼ନି, ସୁକନ୍ଦି, ବାତ୍ରୀ, ସାଏତ, ପାଡେଲ, ସାନସାଏତ, ଦୁଦେଲି, ଖେରମେଟା ଆଦି ଭରି ରହିଛି।

ସେହିପରି ଜଙ୍ଗଲ ମଧ୍ୟରେ ଭାଲୁ, ଠେକୁଆ,ବିଲୁଆ ସହ ବିଭିନ୍ନ ଚଢେଇ ଓ ମହୁମାଛି ଆଦି ରହୁଥିବା ଗ୍ରାମବାସୀ କହିଛନ୍ତି। ଜଙ୍ଗଲ ମଝିରେ ରହିଛି ମୁଣ୍ଡା ଘୋଷଣି ମନ୍ଦିର ସ୍ଥାପନ ହୋଇଛି। ବର୍ଷର ଆଷା ମାସରେ ମୁଣ୍ଡା ଘୋଷଣି ଦେବୀଙ୍କ ପୂଜା କରାଯାଇଥାଏ। ଜଙ୍ଗଲରେ ରହୁଥିବା ପଶୁ ପକ୍ଷୀମାନଙ୍କ ପାଇଁ ପ୍ରଶାସନ ପକ୍ଷରୁ ଦୁଇ ଗୋଟି ପୋଖରୀ ଖନନ ହୋଇଛି। ଉକ୍ତ ଜଙ୍ଗଲକୁ ଝରିଗାଁ ବନ ବିଭାଗ ସହାୟତାରେ ଜଙ୍ଗଲ ସୁରକ୍ଷା କମିଟି ଓ ଗ୍ରାମବାସୀ ବର୍ତ୍ତମାନ ପାଳି କରି ସୁରକ୍ଷା ଯୋଗାଇ ଆସୁଛନ୍ତି।

ଜଙ୍ଗଲ ନଷ୍ଟ କଲେ ଜରିମନାର ବ୍ୟବସ୍ଥା ରହିଛି। ଏପରିକି ଜଙ୍ଗଲ ଭିତରୁ କାଠି ଟିଏ ଆଣିବା କଷ୍ଟକର। କୌଣସି କାରଣରୁ ଗଛ ନଷ୍ଟ ହେଲେ ଗ୍ରାମବାସୀ ଜାଳେଣି କାଠ ଭାବେ ବ୍ୟବହାର କରୁଛନ୍ତି। ଜଙ୍ଗଲ ଭିତରୁ ଜଙ୍ଗଲ ଜାତୀୟ ଦ୍ରବ୍ୟ ଯଥା ଶାଳ ମଞ୍ଜି, ଚାର କୁଳି ମଞ୍ଜି, ଝୁଣା ସହ ବିଭିନ୍ନ କିସମର ଛତୁ ସଂଗ୍ରହ କରି ଗ୍ରାମବାସୀ ରୋଜଗାର କ୍ଷମ ହେଉଥିବା କହିଛନ୍ତି। ନୂତନ ଭାବେ ଜଙ୍ଗଲ ସୃଷ୍ଟି କରିବା ପାଇଁ ଜଙ୍ଗଲ ଚାରି ପାର୍ଶ୍ୱରେ ନୂତନ ଚାରା ରୋପଣ କରି ପ୍ରୟାସ କରାଯାଉଛି।

ଭୀମାଭାଙ୍ଗା ଜଙ୍ଗଲକୁ ବନ ବିଭାଗ ପକ୍ଷରୁ ପଟ୍ଟା ପ୍ରଦାନ କରାଯାଇନଥିବା ବେଳେ ତୁରନ୍ତ ପଟ୍ଟା ପ୍ରଦାନ ପାଇଁ ପଦକ୍ଷେପ ଗ୍ରହଣ କରିବା ପାଇଁ ଜଙ୍ଗଲ ସୁରକ୍ଷା କମିଟି ସଭାପତି କେଲୁ ମାଝୀ ସହ କମିଟି ସଭ୍ୟ ତଥା ଗ୍ରାମବାସୀ ଦାବି କରିଛନ୍ତି। ସେହିପରି ଏହି ରାସ୍ତା ଦେଇ ଯାତାୟତ କରୁଥିବା ପଥଚାରୀ ମାନଙ୍କ ଦୃଷ୍ଟି ଆକର୍ଷଣ କରୁଛି ଏହି ଶତାୟୁ ପ୍ରାକୃତିକ ଜଙ୍ଗଲ। ଗୋରାମ୍ଭା ଗ୍ରାମବାସୀଙ୍କ ଭଳି ସବୁ ଗ୍ରାମର ଗ୍ରାମବାସୀ ସଚେତନ ହୋଇ ଥିବା ଜଙ୍ଗଲକୁ ସୁରକ୍ଷା ଦେବା ସହ ନୂତନ ଜଙ୍ଗଲ ସୃଷ୍ଟି କରିବା ପାଇଁ ପଦକ୍ଷେପ ନେଲେ ଜଳବାୟୁ ପରିବର୍ତ୍ତନ ପ୍ରଭାବ ପଡିବ ନାହିଁ ବୋଲି ସାଧାରଣରେ ଆଲୋଚନା ହେଉଛି।

## ସାରଙ୍ଗୋପଡାରେ ଜହ୍ନି ଓଷା

କୋକସରା,(ସବ୍ୟୁ): କୋକସରା ବ୍ଲକ କାଶୀବାହାଲ ସାରଙ୍ଗୋପଡା ଠାରେ ଜହ୍ନି ଓଷା ଉପଲକ୍ଷେ ବୁଧବାର ଏକ ସାଂସ୍କୃତିକ କାର୍ଯ୍ୟକ୍ରମରେ ରେକର୍ଡ ଡ୍ୟାନ୍ସ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ପ୍ରତିଯୋଗିତାରେ ୧୭ ଟି ଦଳ ଅଂଶ ଗ୍ରହଣ କରିଥିଲେ । ମୁଖ୍ୟ ଅତିଥି ଭାବେ କାଶୀବାହାଲ ସରପଞ୍ଚ ପୁଷ୍ପାଞ୍ଜଳି ନାଏକ, ସମ୍ମାନୀତ ଅତିଥି ଭାବେ ସମିତିସଭ୍ୟ ଗଜାନନ ନିଆଲ, ସମାଜସେବୀ ରୁଦ୍ର ପ୍ରସାଦ ନାଏକ, ତନୁକଲାଲ ନାଗ, ଜନ୍ମେଜୟ ନାଏକ, ୱାର୍ଡସଭ୍ୟ ଜୟସିଂହ ଦଳପତି , ଲକ୍ଷ୍ମଣ ପଟେଲ, ଜଚିନ୍ଦ୍ର ଦଳାଇ, ମୋତିରାମ ପାଲି ପ୍ରମୁଖ ଯୋଗ ଦେଇଥିଲେ। ମଞ୍ଚ ପରିଚାଳନା ଅର୍ଜୁନ ଶବର କରିଥିଲେ।



ପ୍ରତିଯୋଗତାରେ ବିଜେତା ହୋଇଥିବା ୫ ଟି ଦଳକୁ ନଗଦ ଅର୍ଥ ରାଶି ଦେଇ ପୁରସ୍କୃତ କରାଯାଇଥିଲା। ଜହ୍ନି ଓଷା କମିଟିର ସଦସ୍ୟା ନିରୁପମା ପଟେଲ, ବର୍ଷାରାଣୀ , ବନି, ଡାଳ ଶବର, ଡୋଲା ମଣି ଶବର, ମାଧବୀ ଶବର, ସବିତା ରାଉତ, ରଜନୀ ରାଉତ, ଦେବକୀ ରାଉତ ପ୍ରମୁଖ ପରିଚାଳନା କରିଥିବା ବେଳେ ରେକର୍ଡ ଡ୍ୟାନ୍ସ କମିଟିର କର୍ମକର୍ତ୍ତା ଗଣପତି ରାଉତ, କାନ୍ତ ରାଉତ, ଈଶ୍ୱର ବାଗ, କୀର୍ତ୍ତନ ରାଉତ, ହେମନ୍ତ ଶବର , କେଶବ ଶବର, କୌଶିକ ଶବର, ପରମେଶ୍ୱର ନାଏକ, ଶିବାନନ୍ଦ ପଟେଲ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଜନ୍ମେଜୟ ନାଏକ, ତନୁକ ଲାଲ ନାଗ, ବିଶେଶ୍ୱର ଶବର, ଭଗବାନ ଶବର, ବିଚାରପତି ଭାବେ ଦାୟିତ୍ୱ ତୁଲାଇଥିଲେ।

